## ଜେଲ ଗଲେ ସାହାରା ନର୍ସିଂ ହୋମ୍ ମାଲିକ

ଦିଗପହଣ୍ଡି,୨୮।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଡେଙ୍ଗାଓସ୍ତା ଗ୍ରାମ ମୁଖ୍ୟରାସ୍ତା ପାର୍ଶ୍ୱରେ ଚାଲିଥିବା ସାହାରା ନର୍ସିଂ ହୋମରେ ଅନୟମିତତା ଏବଂ ଜଣେ ଗର୍ଭବତୀ ଓ ତାଙ୍କ ଶିଶୁ ମୃତ୍ୟୁ ଘଟିବା ନେଇ ଅଭିଯୋଗ ପରେ ପୋଲିସ ଶୁକ୍ରବାର ଏହି ନର୍ସିଂ ହୋମକୁ ସିଲ୍ କରିଥିଲା। ଶନିବାର ଏହାର ମାଲିକ ମଙ୍ଗୁଲୁ ଚରଣ ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଘର ପାଟପୁର ଥାନା ଅନ୍ତର୍ଗତ ବାଙ୍ଗରଡ଼ା ଗ୍ରାମରେ। ତେବେ ସେ ଡେଙ୍ଗାଓସ୍ତା ଗ୍ରାମରେ ରହୁଥିଲେ। ତଦନ୍ତକାରୀ ଅଧିକାରୀ ଏସ୍ଆଇ ସୋଫିଆ ମିଶ୍ର ତାଙ୍କୁ ଡେଙ୍ଗାଓସ୍ତା ଗ୍ରାମରୁ ଗିରଫ କରିଥିଲେ। ଆଇଆଇସି କିଶୋର ସାମଲଙ୍କ ଏତଲାକ୍ରମେ ଥାନାରେ ନଂ.୧୩୧/୨୬ରେ ମାମଲା ରୁଜୁ ହୋଇଥିଲା। ତାଙ୍କ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି। ବିନା ଲାଇସେନ୍ସରେ ମଙ୍ଗୁଲୁ ଦୀର୍ଘଦିନ ଧରି ବେଆଇନ ଭାବେ ନର୍ସିଂ ହୋମ ଚଳାଇ ଆସୁଥିଲେ। ଏନେଇ ଅଭିଯୋଗ ହେବାପରେ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଭବାନୀ ଶଙ୍କର ମିଶ୍ର ତାଙ୍କୁ ନର୍ସିଂ ହୋମ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ମଙ୍ଗୁଲୁ ଶୁଣି ନ ଥିଲେ। ଏସମ୍ପର୍କରେ ଡା. ମିଶ୍ର ଦିଗପହଣ୍ଡି ପୋଲିସକୁ ଜଣାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ପୋଲିସ ସହ ଏକ ଟିମ୍ ନର୍ସିଂ ହୋମ୍ ଉପରେ ଚଢାଉ କରି ସିଲ୍ କରିଥିଲା। । ସେ ସମୟରେ ଚଢାଉ ଟିମ୍ ସିଙ୍ଗପୁର ଗ୍ରାମର ରଞ୍ଜନ ମଲ୍ଲିକ ଏବଂ ଗଡସାମନ୍ତରାପୁର ଗ୍ରାମର ଭୀମସେନ ନାୟକଙ୍କୁ ଚିକିତ୍ସା କରାଯାଉଥିବା ଦେଖିଥିଲେ। ଚଢାଉ ବେଳେ ଏହି ନର୍ସିଂ ହୋମରୁ ଅଲଟ୍ରା ସାଉଣ୍ଡ ମେଶିନ, ବିପି ମନିଟର ସମେତ ୨୧ଟି ସାମଗ୍ରୀ ଜବତ କରି ସିଲ୍ କରାଯାଇଥିଲା।

## ଏଲ୍. ଗୋପାଳ ସଭାପତି, କେ. ଦୁର୍ଯ୍ୟୋଧନ ସାଧାରଣ ସମ୍ପାଦକ

ଛତ୍ରପୁର ଓକିଲ ସଂଘ ନିର୍ବାଚନ

ଛତ୍ରପୁର,୨୮।୩ (ଦିଲୀପ ସାମଲ)



ନିର୍ବାଚିତ ହୋଇଥିବା ଓକିଲ ସଂଘର ନୂଆ କର୍ମକର୍ତ୍ତା।

ଛତ୍ରପୁର ଓକିଲସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଂଘର ବିଭିନ୍ନ ପଦ ପଦବୀରେ ମତଦାନ ହୋଇ ଫଳାଫଳ ଘୋଷାଣ କରାଯାଇଛି। ଓକିଲ ସଂଘ ସଭାପତି ଭାବେ ଏଲ. ଗୋପାଳ ରାଓ ନିର୍ବାଚିତ ହୋଇଛନ୍ତି। ଏହି ପଦବୀ ପାଇଁ ଗୋକୁଳ ଚନ୍ଦ୍ର ପଣ୍ଡା, ଏଲ. ଗୋପାଳ ରାଓ, ମନୋଜ ପାଢ଼ୀ ଓ ରାମକୃଷ୍ଣ ଦାଶଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଗୋକୁଳଙ୍କଠାରୁ ୮ ଖଣ୍ଡ ଭୋଟ ଅଧିକ ପାଇ ରାଓ ନିର୍ବାଚିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ରୂପେ କେ. ଦୁର୍ଯ୍ୟୋଧନ ରେଡ୍ଡୀ ନିର୍ବାଚିତ ହୋଇଛନ୍ତି। ଏହି ପଦବୀ ପାଇଁ ଜିତୁନ ପାଢ଼ୀ ଓ ରେଡ୍ଡୀଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଜିତୁନଙ୍କଠାରୁ ୮୯ ଖଣ୍ଡ ଭୋଟ ଅଧିକ ପାଇ ସାଧାରଣ ସମ୍ପାଦକ ଭାବେ ରେଡ୍ଡୀ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ପଦବୀ ପାଇଁ ଚୈତନ୍ୟ ପ୍ରଧାନ ଓ ପ୍ରଦୀପ ପଲାଇଙ୍କ ମଧ୍ୟରେ ମୁକାବିଲା ହୋଇଥିଲା, ଚୈତନ୍ୟଙ୍କୁ ହରାଇ ପ୍ରଦୀପ ଉପସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ରୂପେ ଅପସରା ଜାନ ବିଜୟୀ ହୋଇଛନ୍ତି। ସେ ଏନ. ପର୍ଶୁରାମଙ୍କୁ ହରାଇଛନ୍ତି। ସେହିପରି ଲାଇବ୍ରେରୀ ସେକ୍ରେଟାରୀ ରୂପେ ଏନ. ଗୋପୀ ବିଜୟୀ ହୋଇଛନ୍ତି ବିଶ୍ୱ ଭୂଷଣ ପାଢ଼ୀଙ୍କ ସହ ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପୂର୍ବରୁ ସହସମ୍ପାଦକ ଭାବେ କେ. ବିଜୟଲକ୍ଷ୍ମୀ ଦେବୀ, କୋଷାଧ୍ୟକ୍ଷ ଭାବେ କେଶବ ବିହାରୀ ନାୟକ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ମମତା ସେଠୀ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ସିଏଚ. ସୂର୍ଯ୍ୟ ନାରାୟଣ ରେଡ୍ଡୀ ଓ ସହକାରୀ ନିର୍ବାଚନ ଅଧିକାରୀ ଭାବେ ସନ୍ତୋଷ ସାହୁ ଓ ଦେବେନ୍ଦ୍ର ମିଶ୍ର ଦାୟିତ୍ୱ ତୁଲାଇଥିଲେ। ଛତ୍ରପୁର ଓକିଲ ସଂଘର ୧୮୬ ଜଣ ସକ୍ରିୟ ସଦସ୍ୟଙ୍କ ମଧ୍ୟରୁ ୧୭୯ଜଣ ସଦସ୍ୟ ମତଦାନ କରିଥିଲେ ।

## ଆସିକା ଓକିଲ ସଂଘ ନିର୍ବାଚନ
## ଛବିଲରାମ ସଭାପତି, ଚିତ୍ତରଞ୍ଜନ ସମ୍ପାଦକ



ନବନିର୍ବାଚିତ କର୍ମକର୍ତ୍ତାମାନେ।

ଆସିକା,୨୮।୩ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଓକିଲ ସଂଘ ନିର୍ବାଚନରେ ବରିଷ୍ଠ ଆଇନଜୀବୀ ଛବିଲରାମ ମିଶ୍ର ସଭାପତି, ଚିତ୍ତରଞ୍ଜନ ଦାଶ ସମ୍ପାଦକ ଓ ଜି. ସୂର୍ଯ୍ୟପ୍ରକାଶ ରାଓ ଉପସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ଅପ୍ରତିଦ୍ୱନ୍ଦ୍ୱି ରହିଥିବା ଯୁଗ୍ମ ସମ୍ପାଦକ ଅଜିତ କୁମାର ମୁନି, କୋଷାଧ୍ୟକ୍ଷ ରାଘବ ନାହାକ ଓ ଲାଇବ୍ରେରୀ ସଂପାଦକ ରୂପେ ସିମାଞ୍ଚଳ ସେଠୀଙ୍କୁ ବିଜୟୀ ଘୋଷଣା କରାଯାଇଥିଲା । ଆସିକା ଓକିଲ ସଂଘର ସମୁଦାୟ ୧୬୦ ଜଣ ସଦସ୍ୟଙ୍କ ମଧ୍ୟରୁ ୧୪୫ ଜଣ ନିର୍ବାଚନରେ ଭାଗ ନେଇଥିଲେ। ବରିଷ୍ଠ ଆଇନଜୀବୀ କାଳି ଚରଣ ଦାଶ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ।

## ହୃଦୟରଞ୍ଜନ ସଭାପତି, ସନ୍ତୋଷ ସମ୍ପାଦକ ନିର୍ବାଚିତ

ଦିଗପହଣ୍ଡି ଓକିଲ ସଂଘ ନିର୍ବାଚନ

ଦିଗପହଣ୍ଡି,୨୮।୩(ଅଶେଷ ନାଥ ମିଶ୍ର)



ହୃଦୟ ରଞ୍ଜନ ମେକାପ।



ସନ୍ତୋଷ କୁମାର ସାହୁ।

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘର ନିର୍ବାଚନ ଶନିବାର ଶାନ୍ତିପୂର୍ଣ୍ଣ ଭାବେ ସରିଛି। ଓକିଲ ସଂଘ ସଭାପତି ଭାବେ ହୃଦୟ ରଞ୍ଜନ ମେକାପ ତାଙ୍କ ପ୍ରତିପକ୍ଷ ଏ.ସୋମେଶ୍ୱର ରାଓଙ୍କୁ ୧୦ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି କରିଥିବା ବେଳେ ଉପସଭାପତି ଭାବେ ସୁକାନ୍ତ କୁମାର ପ୍ରଧାନ ତାଙ୍କ ପ୍ରତିପକ୍ଷ ସଞ୍ଜୟ କୁମାର ପଣ୍ଡାଙ୍କୁ ୧୭ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସନ୍ତୋଷ କୁମାର ସାହୁ ପ୍ରତିପକ୍ଷ କୁରେଶୁ ପଣ୍ଡାଙ୍କୁ ମୋଟ ୮ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ନିର୍ବାଚିତ ହୋଇଛନ୍ତି। ସହ ସମ୍ପାଦକ ପଦବୀରେ ରବିଚନ୍ଦ୍ର ଗୌଡ଼ ତାଙ୍କ ପ୍ରତିପକ୍ଷ ଜୟକୃଷ୍ଣ ମହାପାତ୍ରଙ୍କୁ ୧୨ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସୀମାଞ୍ଚଳ ପ୍ରଧାନ ଅପ୍ରତିଦ୍ୱନ୍ଦ୍ୱୀ ଭାବେ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଚନ୍ଦ୍ରଧ୍ୱଜ ସିଂହ ଏବଂ ସହକାରୀ ନିର୍ବାଚନ ଅଧିକାରୀ ନୀଳ ମାଧବ ରଥ ଜଣାଇଛନ୍ତି। ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତାମାନଙ୍କୁ ସଂଘର ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରମୋଦ ସଭାପତି, ଶରତ ସମ୍ପାଦକ

ହିଞ୍ଜିଳିକାଟୁ,୨୮ ।୩(ଦ୍ୱିତୀକୃଷ୍ଣ ପଣ୍ଡା):





ସଭାପତି ପ୍ରମୋଦ ଦଳାଇ ଓ ସମ୍ପାଦକ ଶରତ ସ୍ୱାଇଁ

ହିଞ୍ଜିଳିକାଟୁ ଓକିଲ ସଂଘ ନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ଏଠାରେ ସମସ୍ତ ପଦବୀ ନିର୍ଦ୍ୱନ୍ଦ୍ୱ ରହିଛି। ସଭାପତି ଭାବେ ପ୍ରମୋଦ କୁମାର ଦଳାଇ, ସମ୍ପାଦକ ଭାବେ ଶରତ ସ୍ୱାଇଁ, ଉପସଭାପତି ଭାବେ ଭୁବନେଶ୍ୱର ନାୟକ, ସହ ସମ୍ପାଦକ ଭାବେ କୁଳଦୀପ ସାହୁ ଓ କୋଷାଧ୍ୟକ୍ଷ ଭାବେ ସୁଜ୍ଞାନୀ ପାଳ ନିର୍ଦ୍ୱନ୍ଦ୍ୱରେ ନିର୍ବିଚିତ ହୋଇଛନ୍ତି।ହିଞ୍ଜିଳିକାଟୁବାର୍ଆସୋସିଏଶନର ସମସ୍ତ ସଦସ୍ୟ ନବ ନିର୍ବିଚିତ ସମସ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇଥିଲେ ।

## ମାନସ ରଞ୍ଜନ ଦାଶ ସଭାପତି, ଶ୍ୟାମ ସୁନ୍ଦର ବିଷୋୟୀ ସମ୍ପାଦକ





ମାନସ ରଞ୍ଜନ ଦାଶ ଶ୍ୟାମ ସୁନ୍ଦର ବିଷୋୟୀ

ବୁଗୁଡ଼ା,୨୮।୩(କାଳିଚରଣ ଦାଶ)

ବୁଗୁଡ଼ା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା ହୋଇଛି। ଏଥିରେ ସଭାପତି ଭାବେ ମାନସ ରଞ୍ଜନ ଦାଶି, ଉପସଭାପତି ଭାବେ ସୁବ୍ରତ କୁମାର ପଟ୍ଟନାୟକ, ସମ୍ପାଦକ ଭାବେ ଶ୍ୟାମସୁନ୍ଦର ବିଷୋୟୀ, ସହସମ୍ପାଦକ ଭାବେ ମନୋଜ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭାବେ କାହ୍ନୁ ଚରଣ ସାହୁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଇସି ମେମ୍ବର ଭାବେ ସରୋଜ କୁମାର ଦାଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ମହିଳା ଓକିଲ ସାଇ ସନ୍ତୋଷିନୀ ପ୍ରଧାନ ଓ ଦେବୀ ନିବେଦିତା ଚୌଧୁରୀ ସଦସ୍ୟା ଭାବେ ମନୋନୀତ ହେବା ନିଶ୍ଚିତ ହୋଇଛି। ନିର୍ବଚନ ଅଧିକାରୀ ଭାବେ ସତ୍ୟ ନାରାୟଣ ମିଶ୍ର ଓ ସହନିର୍ବାଚନ ଅଧିକାରୀ ଭାବେ ସଂଗ୍ରାମ ପାତ୍ର ଦାୟିତ୍ୱ ନିର୍ବାହ ପୂର୍ବକ ନିର୍ବାଚନ ପରିଚାଳନା କରିଥିଲେ।

## ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚିତ



ଜି.ଉଦୟଗିରି,୨୮।୩(ଶିଶିର ପଟ୍ଟନାୟକ /ଚିନ୍ମୟ କୁମାର ସେଠୀ)

ସ୍ଥାନୀୟ ଜେଏମଏଫସି କୋର୍ଟ ପରିସରରେ ଶନିବାର ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ଆଇନଜୀବୀ ରାମାରାଓ ନାୟକ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ବରିଷ୍ଠ ଆଇନଜୀବୀ କେଶରୀ ଭୋଇ ସଂଘ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ପୁଷ୍ପଶ୍ରୀ ରାଉତରାୟ, ସମ୍ପାଦକ ଭାବେ ଅଜିତ ଦିଗାଲ, ସହସମ୍ପାଦକ ଭାବେ ବୁଲୁ ସାହେବ ସେଠି, କୋଷାଧ୍ୟକ୍ଷ ଭାବେ ବ୍ରଜମୋହନ ପାତ୍ର ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରିଣୀ ସଭ୍ୟ ଭା ବେ ଅଶ୍ୱିନୀ ଦିଗାଲ ଏବଂ ପୁଷ୍ପମିତ୍ରା ଦେବୀ ନିର୍ବାଚିତ ହୋଇଥିବା ସୂଚନା ମିଳିଛି। ସମସ୍ତ ନବନିର୍ବାଚିତ ପଦାଧିକାରୀଙ୍କୁ ଓକିଲ ସଂଘର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣେଇଥିଲେ।

## ସନ୍ତୋଷ ନାୟକ ସଭାପତି, ଧୀରେନ ସ୍ୱାଇଁ ସମ୍ପାଦକ

ଭଞ୍ଜନଗର,୨୮।୩(ବାବୁଲା ପ୍ରଧାନ):



ନବ ନିର୍ବାଚିତ କର୍ମକର୍ତ୍ତା।

ଭଞ୍ଜନଗର ବାର୍ ଆସୋସିଏଶନ ନିର୍ବାଚନ ଶନିବାର ସରିଛି। ଏଥିରେ ସନ୍ତୋଷ ନାୟକ ସଭାପତି, ଧୀରେନ ସ୍ୱାଇଁ ସାଧାରଣ ସମ୍ପାଦକ ଓ ରଜତ ଦାସ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସହ ସଂପାଦକ ଭାବେ ସ୍ନିଗ୍ଧା ଦାସ ଏବଂ କୋଷାଧ୍ୟକ୍ଷ ଭାବେ ମଧୁସୂଦନ ପଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ କାର୍ଯ୍ୟକାରୀ କମିଟି କର୍ମକର୍ତ୍ତା ନିର୍ବାଚିତ ହେବେ। ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ଲଡୁ କିଶୋର ଆଲଡିଆ, ତ୍ରିନାଥ ମଲ୍ଲିକ,ବିମ୍ବାଧର ଷଡ଼ଙ୍ଗୀ, ଗିରିଜା ଶଙ୍କର ଭୂୟାଁ, ଧ୍ରୁବ ପ୍ରସାଦ ତ୍ରିପାଠୀ, ଅଭାଗିନୀ ବିଷୋୟୀ, ରାଜେଶ୍ୱର ଆଚାରୀ ପରିଚାଳନା କରିଥିଲେ। ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଅଧିକାରୀ ଶୁଭେଚ୍ଛା ଜଣାଇଛନ୍ତି।

## ପୁରୁଷୋତ୍ତମପୁର ଓକିଲ ସଂଘ
## ସଭାପତି ପ୍ରକାଶ ଚନ୍ଦ୍ର, ସମ୍ପାଦକ ରବୀନ୍ଦ୍ର



ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

ପୁରୁଷୋତ୍ତମପୁର,୨୮।୩ (ସବିତା ମିଶ୍ର):

ପୁରୁଷୋତ୍ତମପୁର ଓକିଲ ସଂଘ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶନିବାର ସରିଛି। ଏଥିରେ ସଭାପତି ରୂପେ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ତାଙ୍କ ପ୍ରତିଦ୍ୱନ୍ଦ୍ୱି ସ୍ୱରାଜ ପାଣିଗ୍ରାହୀଙ୍କୁ ପଛରେ ପକାଇ ବିଜୟୀ ହୋଇଛନ୍ତି। ସେହିପରି ଉପ ସଭାପତି ପଦବୀରେ ଅଶୋକ କୁମାର ମହାଙ୍କୁଡଙ୍କୁ ପଛରେ ପକାଇ ଦୁର୍ଗାଚରଣ ଦାଶ ବିଜୟୀ ହୋଇଛନ୍ତି। ସମ୍ପାଦକ ଭାବେ ଅମ୍ରେଶ ତ୍ରିପାଠୀଙ୍କୁ ପରାସ୍ତ କରି ରବିନ୍ଦ୍ର କୁମାର ସାହୁ ବିଜୟୀ ହୋଇଛନ୍ତି। ସହ ସଂପାଦକ ରୂପେ ରାମଚନ୍ଦ୍ର ଆଚାର୍ଯ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ପ୍ରମୋଦ କୁମାର ବେହେରା ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ। ବିଜୟୀ ପ୍ରାର୍ଥୀମାନଙ୍କୁ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହ ସମର୍ଥକମାନେ ମିଠା ଖୁଆଇ ବାଣୁଫଟାଇ ବିଜୟ ଉତ୍ସବ ପାଳିଛନ୍ତି ।

## ସନ୍ତୋଷ ମିଶ୍ର ଖଲ୍ଲିକୋଟ ଓକିଲ ସଂଘ ସଭାପତି





ଖଲ୍ଲିକୋଟ,୨୮।୩(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଭାବେ ସନ୍ତୋଷ କୁମାର ମିଶ୍ର, ଉପସଭାପତି ଭାବେ ମେଘନାଦ ଦଳେଇ ଏବଂ ସମ୍ପାଦକ ଭାବେ ସମରଜିତ ଦାଶ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସହ ସମ୍ପାଦିକା ଭାବେ ଚିନ୍ମୟୀ ସେଠୀ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଖିଳ ପଟ୍ଟନାୟକ ଏହାକୁ ପରିଚାଳନା କରିଥିବା ବେଳେ ପ୍ରକାଶ ଚନ୍ଦ୍ର ସାହୁ ଓ ମନୋଜ ସାହୁ ସହଯୋଗୀ ନିର୍ବଚନ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ନୂତନ ଭାବେ ନିର୍ବିଚିତ ସଭାପତି ମିଶ୍ର ନିଜ ପ୍ରତିକ୍ରିୟାରେ ବାରର ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଆଚାର୍ଯ୍ୟ, ପ୍ରଶାନ୍ତ ପଣ୍ଡା ଓ ସ୍ମୃତି ରଞ୍ଜନ ମାହାନ୍ତିଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତ ଆଇନଜୀବୀ ନିର୍ବିଚିତ କରି କାମ କରିବାର ସୁଯୋଗ ଦେଇଥିବାରୁ ସାଧୁବାଦ ଜଣାଇଥିଲେ।

## ଭଗବାନ ସଭାପତି, ପୂର୍ଣ୍ଣଚନ୍ଦ୍ର ସମ୍ପାଦକ

ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ





ଫୁଲବାଣୀ,୨୮।୩(ରାକେଶ କୁମାର ରାଉତ)

ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଭାବେ ଭଗବାନ ମହାନ୍ତି ଓ ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପସଭାପତି ଜୟନ୍ତ ମହାନ୍ତି, ସହ ସମ୍ପାଦକ ନମିତା ସାହୁ, କୋଷାଧ୍ୟକ୍ଷ ଏଲ ସଞ୍ଜିତ ପାତ୍ର, ପାଠାଗାର ସମ୍ପାଦକ ଭାବେ ମଧୁସୂଦନ ପଣ୍ଡା ନିର୍ବାଚିତ ହୋଇଛନ୍ତି। ଏଥିସହ ଚନ୍ଦ୍ର ଶେଖର ପରିଡ଼ା, ବୀରେନ୍ଦ୍ର ସୁବୁଦ୍ଧି, ବିଶ୍ୱଜିତ ପ ଟ୍ଟନାୟକ, ଦୁର୍ଗା ଶଙ୍କର ପଟ୍ଟନାୟକ, ବୀଣାପାଣି ପ୍ରଧାନ, ରମେଶ ମହାନ୍ତି, ଅଗସ୍ତି ଜାନୀ, କୃଷ୍ଣଚନ୍ଦ୍ର ସେନାପତି ଓ ଜୟନ୍ତୀ ପାଣିଗ୍ରାହୀ ସର୍ବସମ୍ମତି କ୍ରମେ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ବରିଷ୍ଠ ସଦସ୍ୟ ଅସୀମ ପ୍ରହରାଜ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

## ବାଲିଗୁଡା ଓକିଲ ସଂଘ ନିର୍ବାଚନ
## ହରିଶ୍ଚନ୍ଦ୍ର ସଭାପତି, ଅନିଲ ସାଧାରଣ ସମ୍ପାଦକ



ଟି. ହରିଶ୍ଚନ୍ଦ୍ର ରାଓ



ଅନିଲ କୁମାର ଦାସ

ବାଲିଗୁଡା,୨୮।୩(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ଭାବେ ଟି. ହରିଶ୍ଚନ୍ଦ୍ର ରାଓ, ଉପସଭାପତି ଭାବେ ରାମକୃଷ୍ଣ ଦାସ, ସମ୍ପାଦକ ଅନିଲ କୁମାର ଦାସ, ସହ ସମ୍ପାଦକ ନୀଳାଦ୍ରି କେଶରୀ ସାହାଣୀ, କୋଷାଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା, ଲାଇବ୍ରେରୀ ସମ୍ପାଦିକା ନିବେଦିତା ମଲ୍ଲିକ ଏବଂ ସହକାରୀ ଲାଇବ୍ରେରୀ ସମ୍ପାଦିକା ଭାବେ ତନ୍ମୟୀ ପଟ୍ଟନାୟକ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସୁବ୍ରତ ପ୍ରଧାନ ପ୍ରକାଶ କରିଛନ୍ତି। ସେଥି ମଧ୍ୟରେ ଉପସଭାପତି ପଦ ପାଇଁ ୨ ଜଣ ଦକ୍ଷ ପ୍ରାର୍ଥୀ ରାମକୃଷ୍ଣ ଦାସ ଓ ରାମଚନ୍ଦ୍ର ସିଂ ପାତ୍ର ମଇଦାନରେ ଥିବା ବେଳେ ମୋଟ ଭୋଟ ୩୬ ଟି ମଧ୍ୟରୁ ୩୧ଟି ଭୋଟ ଶଦାସ ପାଇ ବିଜୟୀ ହୋଇଥିବା ବେଳେ ପାତ୍ର ମାତ୍ର ୩ ଟି ଭୋଟ ପାଇ ପରାଜିତ ହୋଇଥିଲେ। ଦୁଇଟି ଭୋଟ ନାକଚ ହୋଇଥିବା ବେଳେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ନିମନ୍ତେ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସେମାନେ ନିର୍ଦ୍ଧନ୍ଦ୍ୱରେ ନିର୍ବିଚିତ ହୋଇଥିବା ନିର୍ବାଚନ ଅଧିକାରୀ ସୁବ୍ରତ ପ୍ରଧାନ ପ୍ରକାଶ କରିଛନ୍ତି।

## ପାରଳାଖେମୁଣ୍ଡି ବାର୍ ଆସୋସିଏଶନ ନିର୍ବାଚନ
## ରାମକୃଷ୍ଣ ସଭାପତି, କାଶୀନାଥ ସମ୍ପାଦକ

ପାରଳାଖେମୁଣ୍ଡି, ୨୮।୩
(ଗିରିଧାରୀ ପରିଚ୍ଛା)



ଗଜପତି ଜିଲା ପାରଳାଖେମୁଣ୍ଡି ବାର୍ ଆସୋସିଏଶନ ନିର୍ବାଚନରେ ଶନିବାର ଶେଷ ହୋଇଛି। ରାମକୃଷ୍ଣ ନାୟକ ସଭାପତି, ଉପସଭାପତି ଭାବେ ଶିବ ପ୍ରସାଦ ପାଣିଗ୍ରାହୀ ଏବଂ ସମ୍ପାଦକ ଭାବେ କାଶୀନାଥ ଦାଶ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ମୁଖ୍ୟତଃ ସଭାପତି,ଉପସଭାପତି ଓ ସମ୍ପାଦକ ପଦବୀରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଅନ୍ୟ ପଦବୀଗୁଡିକରେ ପ୍ରତିଦ୍ୱନ୍ଦ୍ୱତା ନ ଥିବାରୁ ପ୍ରାର୍ଥୀମାନେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସଭାପତି ପାଇଁ ରାମକୃଷ୍ଣ ନାୟକ ଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହୀରାଚାନ୍ଦ ପଟ୍ଟନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରାମକୃଷ୍ଣ ୮୫ ଖଣ୍ଡ ଭୋଟ ପାଇଥିବା ବେଳେ ହୀରାଚାନ୍ଦ ୨୨ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଉପସଭାପତି ପାଇଁ ନୀଳମାଧବ ଅଧିକାରୀ ଓ ଶିବ ପ୍ରସାଦ ପାଣିଗ୍ରାହୀଙ୍କ ମଧ୍ୟରୁ ଶିବ ୫୫ ଖଣ୍ଡ ଭୋଟ ପାଇଥିବା ବେଳେ ନୀଳମାଧବ ୫୩ ଖଣ୍ଡ ଭୋଟ ପାଇଥିଲେ। ସେହିପରି ସମ୍ପାଦକ ପଦବୀରେ ଆର୍.ବାବୁ ରାଓ ଓ କାଶୀନାଥ ଦାଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କାଶୀନାଥ ୭୩ ଖଣ୍ଡ ଭୋଟ ପାଇଥିବା ବେଳେ ଆର୍.ବାବୁ ୩୪ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଯୁଗ୍ମ ସମ୍ପାଦକ ଶିବ ଯେଡଲା, କୋଷାଧ୍ୟକ୍ଷ ସନ୍ଦୀପ ପଟ୍ଟନାୟକ, ଲାଇବ୍ରେରିୟନ ଭାବେ ରଘୁନାଥ ପାତ୍ର ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଅଶୋକ ଅଧିକାରୀ, ବେହେରା ଚନ୍ଦନ କୁମାର, ଗାଗାରିନ ଶବର, ପାଣ୍ଡି ବିଶ୍ୱନାଥ, ସତ୍ୟ ନାରାୟଣ ପାଡୀ ଓ ଶଶାଙ୍କ ଶେଖର ସାବତ ଅପ୍ରିତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ମଳୟ ମାଧୁରୀ ତ୍ରିପାଠୀ ଏବଂ ଉପନିର୍ବାଚନ ଅଧିକାରୀ ଭାବେ ଗିରିଜା ପଟ୍ଟନାୟକ ପରିଚାଳନା କରିଥିଲେ ।

## ସଭାପତି ଉମେଶ, ସମ୍ପାଦକ ରାମଚନ୍ଦ୍ର

ଦାରିଙ୍ଗବାଡ଼ି,୨୮।୩ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଓକିଲ ସଙ୍ଘର ନିର୍ବାଚନ ଶନିବାର ବିଧିବଧ ଭାବେ ଅନୁଷ୍ଠିତ ହୋଇଛି। ଚଳିତ ଥର ନିର୍ବାଚନ ଫଳାଫଳ ଅତି ରୋମାଞ୍ଚକର ରହିଥିଲା। କେବଳ ସମ୍ପାଦକ ପଦବୀ ପାଇଁ ୨ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ଭୋଟ ଗ୍ରହଣ କରାଯାଇଥିବା ବେଳେ ସଭାପତି, ଉପସଭାପତି, କୋଷାଧ୍ୟକ୍ଷ ପଦବୀରେ ଜଣେ ଲେଖାଏ ନାମାଙ୍କନ ପତ୍ର ଦାଖଲ ଭରି ଥିବାରୁ ନିର୍ଦ୍ୱନ୍ଦ୍ୱରେ ବିଜୟ ହୋଇଛନ୍ତି। ସେହିପରି ଆଉ ୩ଟି ପଦବୀ ତଥା, ସହ ସମ୍ପାଦକ, ଲାଇବ୍ରେରୀୟାନ ଏବଂ କାର୍ଯ୍ୟକାରୀ ସଦସ୍ୟ ମନୋନୀତ କରାଯାଇଥିଲା ବୋଲି ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ସମ୍ପାଦନା କରୁଥିବା ପ୍ରବୀର ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ନିର୍ବାଚନରେ ସଭାପତି ଭାବେ ବରିଷ୍ଠ ଓକିଲ ଉମେଶ କର ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ବେଳେ ସମ୍ପାଦକ ଭାବେ ରାମଚନ୍ଦ୍ର ବେହେରା ବିଜୟୀ ହୋଇଛନ୍ତି। ଉପସଭାପତି ପ୍ରଦୀପ ସାହୁ, କୋଷାଧ୍ୟକ୍ଷ ଭାବେ ମନୋଜ ପଣ୍ଡା ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ବେଳେ ସହସମ୍ପାଦକ ଭାବେ ସୁବର୍ଣ୍ଣ ବାଗସିଂ, ଲାଇବ୍ରେରୀୟାନ ଅମିତ ସାହୁ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରବୀର ସାହୁଙ୍କୁ ମନୋନୀତ କରାଯାଇଥିଲା। ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଓକିଲ ସଙ୍ଘର ଅନ୍ୟ ସଦସ୍ୟମାନେ ସମ୍ବର୍ଦ୍ଧନା ଜଣାଇଥିଲେ।



### ଗଞ୍ଜାମ ଓକିଲ ସଂଘ ନିର୍ବାଚନ

# ସଭାପତି ସୀତାଂଶୁ, ସମ୍ପାଦକ ଜଗନ୍ନାଥ

ବ୍ରହ୍ମପୁର,୨୮।୩( ସୁବାସ ଚନ୍ଦ୍ର ପାଢ଼ୀ)

ଶାନ୍ତି ଶୃଙ୍ଖଳାର ସହ ୨୦୨୬-୨୭ ବର୍ଷର ଗଞ୍ଜାମ ଓକିଲ ସଂଘ ନିର୍ବାଚନ ଶନିବାର ସରିଛି । ଫଳାଫଳ ଘୋଷଣା ହୋଇଛି । ଏଥିରେ ସର୍ବାଧିକ ୮୪୭ ଭୋଟ ପାଇ ସଭାପତି ଭାବେ ସୀତାଂଶୁ ଶେଖର ପଣ୍ଡା ନିର୍ବାଚିତ ହୋଇଛନ୍ତି। ସେହିଭଳି ସର୍ବାଧିକ ୯୪୯ ଭୋଟ ପାଇ ସମ୍ପାଦକ ଭାବେ ଜଗନ୍ନାଥ ମିଶ୍ର ନିର୍ବାଚିତ ହୋଇଛନ୍ତି। ୪୯୪ ଭୋଟ ପାଇ ଉପସଭାପତି ଭାବେ ସତ୍ୟନାରାୟଣ ବସନ୍ତିଆ, ସର୍ବାଧିକ ୧୦୫୫ ଭୋଟ ପାଇ ରଞ୍ଜନ କୁମାର ସାମନ୍ତରାୟ ସହସମ୍ପାଦକ ଭାବେ ଜିତିଛନ୍ତି। ଉପରୋକ୍ତ ସମସ୍ତ ପ୍ରାର୍ଥୀ ଏକତରଫା ବିଜୟୀ ହୋଇଛନ୍ତି । ଶନିବାର ସାଢ଼େ ୭ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସଂଘ ଅସ୍ଥାୟୀ କାର୍ଯ୍ୟାଳୟରେ ଭୋଟଦାନ ପ୍ରକ୍ରିୟା ହୋଇଥିଲା । ଚଳିତ ବର୍ଷ ବାର କାଉନସିଲର ଅନୁମୋଦନ



ନିର୍ବାଚନରେ ବିଜୟୀ ପ୍ରାର୍ଥୀ।

ଅନୁଯାୟୀ ଗଞ୍ଜାମ ଓକିଲ ସଂଘର ମୋଟ ୧୭୬୩ ଆଇନଜୀବୀ ଭୋଟ ଦେବା ପାଇଁ ଯୋଗ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୩୪ ଜଣ ନିଜର ମତ ସାବ୍ୟସ୍ତ କରିଛନ୍ତି । ଅପରାହ୍ନ ସାଢ଼େ ୪ଟାରେ ଭୋଟ ଗଣତି ଆରମ୍ଭ ହୋଇଥିଲା । ସଭାପତି ପଦବୀ ପାଇଁ ୪ ପ୍ରାର୍ଥୀ ଲଢୁଥିଲେ । ନିରଞ୍ଜନ ପାଣିଗ୍ରାହୀ ମୋଟ ୪୨୭, ରବୀନ୍ଦ୍ର କୁମାର ଦେଓ ୯୭ ଓ ଟି.କେ. ରେଡ୍ଡୀ ୧୫୨ ଭୋଟ ପାଇଥିଲେ ।ସୀତାଂଶୁ ୪୨୦ ଅଧିକ ଭୋଟ ପାଇ ବିଜୟ ହୋଇଛନ୍ତି । ସେହିପରି ଉପସଭାପତି ପଦବୀ ପାଇଁ ଲଢୁଥିବା ଅନିଲ କୁମାର ପଣ୍ଡା ୪୧୪, ସୀମାଞ୍ଚଳ ବିଷୋୟୀ ୪୦୧ , ଶ୍ରୀକାନ୍ତ ମହାପାତ୍ର ୨୧୪ ଭୋଟ ପାଇଥିଲେ । ସତ୍ୟ ନାରାୟଣ ବସନ୍ତିଆ ୮୦ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି । ସେହିପରି ପ୍ରଥମ ରାଉଣ୍ଡରୁ ଆଗୁଆ ରହି ମୋଟ ସର୍ବାଧିକ ୯୪୯ ଭୋଟ ପାଇ ସମ୍ପାଦକ ଭାବେ ଜଗନ୍ନାଥ ମିଶ୍ର ବିଜୟୀ ହୋଇଥିବା ବେଳେ ମଦନ ମୋହନ ପାତ୍ର୪୦୭, ଟିଟୁ କୁମାର ପାତ୍ର୧୬୯ ଭୋଟ ପାଇଥିଲେ । ଜଗନ୍ନାଥ ମିଶ୍ର ୫୪୨ ଖଣ୍ଡ ଅଧିକ ଭୋଟ ପାଇଛନ୍ତି। ସହସମ୍ପାଦକ ଭାବେ ରଞ୍ଜନ କୁମାର ସାମନ୍ତରାୟ ସର୍ବାଧିକ ୧୦୫୫ ଭୋଟ ପାଇଥିବା ବେଳେ ମନୋଜ କୁମାର ନାୟକ ୬୧, ମନୋରଞ୍ଜନ ପାଢ଼ୀ ୨୯ ଓ ମିରାବାଇ ପାଣିଗ୍ରାହୀ ମୋଟ ୩୮୩ ଭୋଟ ପାଇଛନ୍ତି । ରଞ୍ଜନ ୬୭୨ ଅଧିକ ଭୋଟ ପାଇ ବିଜୟ ହୋଇଛନ୍ତି। ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ସମସ୍ତ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ । ମୋଟ ୩୭ ଖଣ୍ଡ ଭୋଟ ନାକଚ ହୋଇଥିବା ଜଣାପଡ଼ିଛି । ସୁରକ୍ଷା ଦୃଷ୍ଟିରୁ ଆଜି କୋର୍ଟ ପରିସରରେ ପୋଲିସ ମୁତୟନ ଥିଲେ । ବିଜୟୀ ତାଲିକା ଘୋଷଣା ହେବା ପରେ କୋର୍ଟ ପରିସରରେ ବାଣଫୁଟା ଯିବା ସହ ଓ ମିଠା ବଣ୍ଟନ ହୋଇଥିଲା ।

## ଜାତୀୟ ସ୍ତରରେ ଓଡ଼ିଶା ବରିଷ୍ଠ ମହିଳା ହ୍ୟାଣ୍ଡବଲ ଦଳରେ ଗଞ୍ଜାମର ୪ ଖେଳାଳି


ଜାତୀୟ ପ୍ରତିଯୋଗିତାରେ ଯୋଗ ଦେଉଥିବା ୪ ଖେଳାଳି।

ବ୍ରହ୍ମପୁର,୨୮।୩(ସୁବାସ ଚନ୍ଦ୍ର ପାଢ଼ୀ)

ଆସନ୍ତା ୩୦ରୁ ଏପ୍ରିଲ ୩ ତାରିଖ ଉତ୍ତରପ୍ରଦେଶର ବରେଲି ଠାରେ ଆୟୋଜିତ ହେବ ଜାତୀୟ ସ୍ତରୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ। ଏଥିରେ ଅଂଶଗ୍ରହଣ ପାଇଁ ୧୮ଜଣିଆ ଓଡ଼ିଶା ଦଳ ଯାତ୍ରା କରିଛନ୍ତି। ଗଂଜାମର ବରିଷ୍ଠ ଖେଳାଳି ଜି.ଜ୍ୟୋତି ପାତ୍ର ଓଡ଼ିଶା ଦଳର ଅଧିନାୟିକା କାର୍ଯ୍ୟ ତୁଲାଇବେ। ଜ୍ୟୋତିଙ୍କ ସହ ଗଂଜାମରୁ ବର୍ଷାରାଣୀ ସେଠୀ, ଅଙ୍କିତା ପଟ୍ଟନାୟକ ଓ ସଞ୍ଜନା କୁମାରୀ ସ୍ୱାଇଁ ଦଳରେ ସାମିଲ ହୋଇଛନ୍ତି। ଗତ ଡିସେମ୍ବରରେ ପୁରୀ ଠାରେ ଅନୁଷ୍ଠିତ ଆନ୍ତଃଜିଲା ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଜିଲା ଉନ୍ନତ ଖେଳ ପ୍ରଦର୍ଶନ କରି ରନର୍ସ ହୋଇଥିଲା । ରାଜ୍ୟ ଦଳରେ ସାମିଲଏହି ୪ଖେଳାଳି ଉନ୍ନତ ଖେଳ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମସ୍ତ ଖେଳାଳି ପ୍ରତିଦିନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ନିୟମିତ ତାଲିମ ନେଉଛନ୍ତି। ପୂର୍ବରୁ ଜ୍ୟୋତି ଏବଂ ବର୍ଷା ୩ଥର ଜାତୀୟ ବରିଷ୍ଠ ମହିଳା ପ୍ରତିଯୋଗିତାରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରିସାରିଛନ୍ତି। ସେହିପରି ଅଙ୍କିତା ଓ ସଞ୍ଜନା ଜୁନିଅର ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳରେ ସାମିଲ ହୋଇଥିଲେ। ଖେଳାଳିଙ୍କ ଏହି ସଫଳତା ପାଇଁ ଜିଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ଉପ ସଭାପତି ରାଜେଶ କୁମାର ସାହୁ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢି, କୋଷାଧ୍ୟକ୍ଷ ମନୋଜ କୁମାର ପାତ୍ର ଏବଂ କୋଚ ପ୍ରଶାନ୍ତ କୁମାର ରଥ, ବରିଷ୍ଠ ଖେଳାଳି, ଅବିନାଶ ମେଦି ଓ ସନ୍ଦୀପ କୁମାର ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ସ୍ୱାସ୍ଥ୍ୟ ଶିବିରରେ ୧୫୦ ରୋଗୀଙ୍କ ପରୀକ୍ଷା

ବ୍ରହ୍ମପୁର,୨୮।୩(ଅଶୋକ କୁମାର ସାହୁ)

ସ୍ଥାନୀୟ ଗଜପତି ନଗର ୫ମ ଲାଇନରେ ଥିବା ପାଠାଗାରରେ ଶନିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ୩୫ ନଂ. ୱାର୍ଡ କର୍ପୋରେଟର ସମୀର ମିଶ୍ର ଉଦ୍‌ଘାଟନ କରିଥିଲେ। ଖୋଡାସିଙ୍ଗ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ସହାୟତାରେ ଅନୁଷ୍ଠିତ ଶିବିରରେ ବିଶିଷ୍ଟ ଡାକ୍ତର ବଂଶୀଧର ପାଢ଼ୀ, ଆଶା କର୍ମୀ ଆଶାରାଣୀ ପାତ୍ର, ଅଙ୍ଗନବାଡି କର୍ମୀ ନିହାରିକା ମାହାନ୍ତି, ଏଏନଏମ ପ୍ରତିମା ପ୍ରିୟଦର୍ଶନୀ, ସ୍ୱାସ୍ଥ୍ୟ କର୍ମଚାରୀ ପ୍ରଶାନ୍ତ ଖଟୁଆ ପ୍ରମୁଖ ସହାୟତା କରିଥିଲେ। ନିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ମନ୍ଦିର କମିଟି ସଭାପତି ବିନୋଦ ମହାପାତ୍ର, ରାମମୋହନ ପଟ୍ଟନାୟକ, ବିଜୟ ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ପଣ୍ଡା, ନିର୍ମଳ ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାୟ ୧୫୦ ରୋଗୀ ପରୀକ୍ଷା ପାଇଁ ଆସିଥିଲେ। ମଧୁମେହ, ରକ୍ତଚାପ, କୋଲଷ୍ଟେରାଲ, ୟୁରିକ ଏସିଡ ଆଦି ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ପାଠଚକ୍ର



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଉପସ୍ଥିତ ଛାତ୍ରୀଛାତ୍ର।

ବ୍ରହ୍ମପୁର,୨୮।୩(ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ପକ୍ଷରୁ ଏକ ଦିବସୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅଶୋକ ମୁଦୁଲିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ଼ଃ ଯତୀନ ବିଷୋୟୀ ଅଧ୍ୟକ୍ଷତା କରି ଥିଲେ। ତ୍ରିପୁରା ସ୍ଥିତ ଏନଆଇଟିର ଗଣିତ ବିଭାଗର ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ବକ୍ତା ରୂପେ ଉପସ୍ଥିତ ରହି ବିଜ୍ଞାନ କିପରି ମାନବ ସଭ୍ୟତାର ମୌଳିକ ଆବଶ୍ୟକତାରେ ଉପଯୋଗ ହୋଇପାରିବ ତାହା କହିଥିଲେ। ଡ଼ଃ ଯତୀନ ବିଷୋୟୀ ଛାତ୍ରୀଛାତ୍ରଙ୍କୁ ଚରିତ୍ର ଗଠନ ଉପରେ କହିଥିଲେ। ଅଧ୍ୟାପକ ଚିନ୍ମୟ ରାଉତ,ଅଧ୍ୟାପିକା ସୁପ୍ରିୟା ସାହୁ ଓ କର୍ମଚାରୀ ଜଗନ୍ନାଥ ଚୌଧୁରୀ ସହଯୋଗ କରିଥିଲେ। ଛାତ୍ରୀ ପ୍ରତିନିଧି ମୋନାଲିସା ମାଇତି, ରାଜନ୍ତ ଉଠାଣସିଂ,ମାନସୀ ସ୍ୱାଇଁ, ସମୀର କୁମାର ସାହୁ,ବିଶ୍ୱଜିତ ପାଢ଼ୀ, ଲିପ୍ସିତା ବେହେରା, ସାଜିଦ ଶତ୍ରୁଶଲ୍ୟ ,ରଶ୍ମି ଜେନା, ସିମ୍ରନ ରାଉତ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଯୁବତୀଙ୍କ ମୃତଦେହ ଜବତ

ଦିଗପହଣ୍ଡି,୨୮।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ପୋଲିସ ଶନିବାର ଚାଞ୍ଚଡାପଲ୍ଲୀ ଗ୍ରାମର ବାପିନି ଗୌଡ଼ଙ୍କ ଝିଅ ରେଶ୍ମା ଗୌଡ଼(୨୩)ଙ୍କ ମୃତଦେହ ବ୍ରହ୍ମପୁର ବଡ଼ ଡାକ୍ତରଖାନାରୁ ଜବତ କରିଛି। ନଂ.୧୬/୨୬ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମସ୍ତିଷ୍କ ବିକୃତି ଥିବା ରେଶ୍ମା ଶୁକ୍ରବାର ଘରୁ ନିଖୋଜ ହୋଇଯାଇଥିଲେ। ସେ ଦିଗପହଣ୍ଡି – ଆସିକା ରାସ୍ତାର ଶ୍ରୀ ମୁକ୍ତେଶ୍ୱର ଶୈବପୀଠ ନିକଟରେ ଥିବା ବେଳେ ଅପରାହ୍ନରେ ବଜ୍ରପାତ ଯୋଗୁ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରେଶ୍ମାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଏତଲା ଆଇଆଇସି କିଶୋର ସାମଲ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସାମଲ କହିଛନ୍ତି।

## ବ୍ରହ୍ମପୁରରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ

ବ୍ରହ୍ମପୁର,୨୮।୩ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଜନତା ସିଟି ସେଣ୍ଟରରେ ଏକ ସଫଳ ଅଗ୍ନି ନିରାପତ୍ତା ମକ ଡ୍ରିଲ କାର୍ଯ୍ୟକ୍ରମ ବ୍ରହ୍ମପୁର ଅଗ୍ନିଶମ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜନସଚେତନତା ଏବଂ ଜରୁରୀକାଳୀନ ପ୍ରସ୍ତୁତି ବୃଦ୍ଧି କରିବା ପାଇଁ ଅଗ୍ନିଶମ ବିଭାଗ ଦ୍ୱାରା ଏହା କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ଅଗ୍ନି ଲାଗିଲେ ଜରୁରୀକାଳୀନ ପରିସ୍ଥିତି ସମୟରେ ଶପିଂ ମଲ ଏବଂ ବଡ଼ କୋଠାରୁ କିଭଳି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବ ତାହା ପ୍ରଦର୍ଶନ କରିବା। ଡ୍ରିଲ ସମୟରେ, ଅଗ୍ନିଶମ କର୍ମଚାରୀମାନେ ବ୍ୟବହାରିକ ଉଦ୍ଧାର କାର୍ଯ୍ୟ କରିଥିଲେ ଏବଂ ଆଧୁନିକ ଅଗ୍ନି ନିର୍ବାପକ ଉପକରଣର ପ୍ରଭାବଶାଳୀ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଅଭ୍ୟାସ ଜରୁରୀକାଳୀନ ପରିସ୍ଥିତିରେ କ୍ଷତି ଏବଂ କ୍ଷୟକ୍ଷତିକୁ କମ କରିବା ପାଇଁ ଦ୍ରୁତ ପ୍ରତିକ୍ରିୟା, ଦଳଗତ କାର୍ଯ୍ୟ ଏବଂ ରଣନୈତିକ ଯୋଜନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା। ଜନସାଧାରଣଙ୍କୁ ମୌଳିକ ଅଗ୍ନି ନିରାପତ୍ତା ପଦକ୍ଷେପ ବିଷୟରେ ମଧ୍ୟ ଶିକ୍ଷା ଦିଆଯାଇ ଥିଲା, ଯେଉଁଥିରେ କିପରି ଶାନ୍ତ ରହିବେ, ନିଜକୁ ସୁରକ୍ଷା ଦେବେ ଏବଂ ଜଟିଳ ପରିସ୍ଥିତିରେ ଅନ୍ୟମାନଙ୍କୁ ସାହାଯ୍ୟ କରିବେ। କାର୍ଯ୍ୟକ୍ରମରେ ଡେପୁଟି ଅଗ୍ନିଶମ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ମାରାଣ୍ଡି, ସହକାରୀ ଅଗ୍ନିଶମ ଅଧିକାରୀ (ଏଏଫଓ )ଠାକୁର ପ୍ରସାଦ ଦଳାଇ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଇଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡା ଯୋଗ ଦେଇଥିଲେ।

### ଯୁବତୀ ଗର୍ଭବତୀ ଘଟଣା, ଆଉ ଜଣେ ଗିରଫ

ଗଞ୍ଜାମ,୨୮।୩(ବିଦ୍ୟାଧର ସାହୁ)

ହୁମା ଫାଣ୍ଡି ଅନ୍ତର୍ଗତ ନିଳାଦ୍ରୀପୁର ଗ୍ରାମରେ ଜଣେ ମାନସିକ ବିକୃତ ଯୁବତୀ ଗର୍ଭବତୀ ହେବା ଘଟଣାରେ ଶନିବାର ଆଉ ଜଣେ ଗିରଫ ହୋଇଛନ୍ତି । ସେ ହେଲେ ନିଳାଦ୍ରୀପୁର ଗ୍ରାମର ଚିତ୍ରସେନ ପ୍ରଧାନ (୫୬)। ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣିଆ କହିଛନ୍ତି। ପୂର୍ବରୁ ନିଳାଦ୍ରୀପୁର ଲବଣ ଶ୍ରମିକ ହାଇସ୍କୁଲ ଶିକ୍ଷକ ଶେଷଦେବ ପ୍ରଧାନ ଏହି ମାମଲାରେ ଗିରଫ ହୋଇ ବର୍ତ୍ତମାନ ଜେଲରେ ଅଛନ୍ତି।






